# Akashvani, Sambalpur

## SAMBALPURI NEWS BULLETIN

### 11 May 2025- 6.47- 6.52 am.

*********************************************

ଅସ୍ତ୍ରବିରତି ଉଲ୍ଲଘଂନ                ଆର୍‌ଏନ୍‌ୟୁ/ ସମ୍ବଲପୁର

ଅସ୍ତ୍ରବିରତି ସହମତି ହେବାର୍ କିଛି ଘଂଟା ଉତ୍‌ରୁ ପାକିସ୍ତାନ୍ ତର୍‌ଫୁ ଅନ୍ତର୍ଜାତୀୟ ସୀମାରେଖା ଆର୍ ନିୟନ୍ତ୍ରଣ୍ ରେଖା ନ ବାର୍‌ବାର୍ ଅସ୍ତ୍ରବିରତି ଉଲ୍ଲଘଂନ୍ କରାଯାଇଛେ ବଲି ବୈଦେଶିକ୍ ସଚିବ ବିକ୍ରମ୍ ମିଶ୍ରି କହିଛନ୍ । ଗଲାରାତି ସାମ୍ବାଦିକ୍ ମାନ୍‌କୁ ସୂଚ୍‌ନା ଦେଇକରି ଶ୍ରୀ ମିଶ୍ରି କହିଛନ୍, ପାକିସ୍ତାନ୍‌ର ଅସ୍ତ୍ରବିରତି ଉଲ୍ଲଂଘନ୍‌ର ଉଚିତ୍ ଜବାବ୍ ଦିଆଯାଇଛେ । ଭାରତ୍ ସର୍‌କାର୍ ଘଟ୍‌ନାକେ ଗମ୍ଭୀରତାର୍ ସହେତେ ନେଇକରି ଅସ୍ତ୍ରବିରତି ଉଲ୍ଲଂଘନ୍ ଘଟ୍‌ନା ଲାଗି ଉଚିତ୍ ପଦକ୍ଷେପ୍ ନିଆଯିବା ବଲି ଶ୍ରୀ ମିଶ୍ରି କହିଛନ୍ ।

(ଭଏସ୍ ଓଭର୍- ବିକ୍ରମ୍ ମିଶ୍ରି)

ସେଆଡ଼େ ଗଲାକାଏଲ୍ ଦୁହି ଦେଶ୍ ଭିତ୍‌ରେ ଅସ୍ତ୍ରବିରତିକେ ନେଇକରି ପ୍ରାଥମିକ୍ ପର୍ଯ୍ୟାୟ ଆଲୋଚନା ହେଇକରି ସହମତି ହେଇଥିଲା ।

ପ୍ରଧାନ୍‌ମନ୍ତ୍ରୀ- ବୈଠକ୍     ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଦିଲ୍ଲୀ ନ ଥିବା ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ବାସଭବନ୍ ନ ଗଲାକାଏଲ୍ ଗୁଟେ ଜରୁରୀ ବୈଠକ୍ ବସିଥିଲା । ବୈଠକ୍‌ଥି ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ, ବୈଦେଶିକ୍ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ଏସ୍. ଜୟଶଙ୍କର୍ , ଜାତୀୟ ସୁରକ୍ଷା ପରାମର୍ଶଦାତା ଆଉ ତିନ୍‌ହି ସେନାର୍ ମୁଖ୍ୟଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ରାଜ୍ୟପାଲ୍- ବୈଠକ୍     ଆର୍‌ଏନ୍‌ୟୁ/ ସମ୍ବଲପୁର

ଆତଙ୍କ୍‌ବାଦ୍‌ର କେନ୍‌ସି ଧର୍ମ ନାଇଁନ ଆର୍ ହିଂସାର୍ କେନ୍‌ସି ଶାସ୍ତ୍ର ନାଇଁନ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଗଲାକାଏଲ୍ ରାଜ୍‌ଭବନ୍‌ର ନ୍ୟୁ ଅଭିଷେକ୍ ହଲ୍ ଠାନେ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ପେହେଲ୍‌ଗାଓଁ ଆତଙ୍କବାଦୀ ଆକ୍ରମଣ୍ ଘଟ୍‌ନାକେ ନେଇକରି ଗଭୀର ଦୁଖ ପ୍ରକାଶ୍ କର୍‌ବାର୍ ସହେତେ ସେନାବାହିନୀକେ କଡ଼ା ସମର୍ଥନ୍ କର୍‌ବାର୍ ଲାଗି ରାଜ୍ୟପାଲ୍ ଆହ୍ୱାନ୍ ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ଆତଙ୍କବାଦ୍ ମାନବତା ବିରୋଧିଥି ଗୁଟେ ଯୁଦ୍ଧ ଆଏ ଆଉ ଜାତି, ଧର୍ମ,

ବର୍ଣ୍ଣ, ନିର୍ବିଶେଷରେ ସଭେ ଏକ୍‌ଜୁଟ୍ ହେଇକରି ଦେଶର୍ ଲାଗି ନିଜର୍ କର୍ତବ୍ୟ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ ।
ବୈଠକ୍‌ରେ ମୁଖ୍ୟ ଶାସନ୍ ସଚିବ, ପୁଲିସ୍ ମହାନିର୍ଦ୍ଦେଶକ୍‌ଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଜମ୍ମୁ ଛାତ୍ରଛାତ୍ରୀ- ଓଡ଼ିଶା ଫିର୍‌ଲେ ଆର୍‌ଏନ୍‌ୟୁ/ ସମ୍ବଲପୁର

ଜମ୍ମୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଓଡ଼ିଶା ଫିରିଛନ୍ । ରାଜ୍ୟ ସର୍‌କାର୍‌ଙ୍କର୍ ଗୁଟେ ଖାସ୍ ଦଲର୍ ସହଯୋଗ୍‌ରେ ଇ ଛାତ୍ରଛାତ୍ରୀମାନ୍‌କୁ ଓଡ଼ିଶା ଅନାଯାଇଛେ । ଇହାଦେର୍ ପରିସ୍ଥିତିକେ ନଜର୍‌ରେ ରଖିକରି ଜମ୍ମୁ ନ ସବୁ ଶିକ୍ଷାନୁଷ୍ଠାନ୍ ବନ୍ଦ୍ କରାଯାଇଥିଲା । ସେନ ଥିବା ବିଶ୍ୱବିଦ୍ୟାଳୟର୍ ଶହେ ୧୪ ଝନ୍ ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ଅନାଯିବାର୍ ଲାଗି ରାଜ୍ୟ ସର୍‌କାର୍ ପଦକ୍ଷେପ୍ ନେଇଥିଲେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ଆଏବା କାଏଲ୍ ସର୍‌କାରୀ ଛୁଟି ଥିବାର୍‌ନୁ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି

ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ମହିଲା ଫାଷ୍ଟଟ୍ରାକ୍ କୋର୍ଟ                    ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଖୋବ୍ ଜଲ୍ଦି ୫ ଟା ମହିଲା ଫାଷ୍ଟଟ୍ରାକ୍ କୋର୍ଟ ଥାପ୍ନା କରାଯିବା ବଲି ଆଇନ୍ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଭୁବ୍ନେଶ୍ୱର ନ ଗୁଟେ କାର୍ଯ୍ୟକ୍ରମ୍ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶ୍ରୀ ହରିଚନ୍ଦନ୍ କହିଛନ୍, ମହିଲାମାନ୍କର୍ ଉପ୍ରେ ନିର୍ଯ୍ୟାତନା, ଅପରାଧ୍, ଘରୋଇ ହିଂସା ବାଗିର୍ ମାମ୍ଲା ମାନ୍କର୍ ତଦନ୍ତ୍ କରିକରି ତୁର୍ତି ନ୍ୟାୟ ଦେବାର୍ ଲକ୍ଷ୍ୟଥି ଇ କୋର୍ଟମାନ୍ ଖୁଲାଯିବା ।

ରାଷ୍ଟ୍ରୀୟ ଲୋକ୍ଅଦାଲତ                ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ସହେତେ ସହେତେ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଗଲାକାଏଲ୍ ୨ ନମ୍ବର୍ ରାଷ୍ଟ୍ରୀୟ ଲୋକ୍ଅଦାଲତ୍ ହେଇଯାଇଛେ । ଇଥି ୧ ଲାଖ୍ ୯୨ ହଜାର୍ ୩ ଟା ମାମ୍ଲାର୍ ସମାଧାନ୍ ହେଇଥିବାର୍ ବେଲ୍କେ ଇ ବାବ୍ଦେ ଶହେ ୩୦ କୋଟି ୮୦ ଲାଖ୍ ନୁ ଅଏତ୍କା ଟଙ୍କାର୍ ଜରିମାନା ଲାଗି

ନିର୍ଦ୍ଦେଶ୍ ଦିଆଯାଇଛେ । ଇଥି ୬ ହଜାର୍ ୬ ଶହ ୩୪ ଟା ପ୍ରି-ଲିଟିଗେସନ୍ ଆର୍ ୧ ଲାଖ୍ ୮୫ ହଜାର୍ ୩ ଶହ ୬୯ ଟା ଅଲ୍‌ଗା ମାମ୍‌ଲାର୍ ସମାଧାନ୍ ହେଇଛେ ।

ଯୁକ୍ତ ଦୁଇ ପରୀକ୍ଷାଫଲ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଯୁକ୍ତ ଦୁଇ ପରୀକ୍ଷାଫଲ୍ ଆଏବା ହପ୍ତା ବାହାରିବା । ଏକାଥର୍‌କେ ସବୁ ଷ୍ଟ୍ରିମ୍‌ର ରିଜଲ୍ଟ ବାହାର୍‌ବା ବଲି ପରିଷଦ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସେଆଡ଼େ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ ପରିଚାଳିତ୍ ୧୦ ଆଉ ୧୨ କ୍ଲାସ୍ ପରୀକ୍ଷାଫଲ୍ ଭିଲ୍ ଆଏବା ହପ୍ତା ବାହାରିପାରେ ବଲି ବୋର୍ଡ଼ ତର୍‌ଫୁ କୁହାଯାଇଛେ ।

ମଦର୍ସ ଡେ ଆର୍‌ଏନ୍‌ୟୁ/ କଟକ୍

ମୁନୁଷର୍ ଜୀବନ୍ ଆର୍ ସମାଜ୍ ଗଢ଼୍‌ବାର୍‌ଥି ମା'ର ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ ଆଏ । ମା' ମାନ୍‌କର୍ ଉତ୍ସର୍ଗୀକୃତ ଜୀବନ୍‌କେ ସୋର୍ କରିକରି ଆଏଜ୍ ସାରା ପୁର୍‌ଥି ନ ପାଲିତ୍ ହେଉଛେ ମଦର୍ସ ଡେ-ମାତୃଦିବସ୍ । ଫି' ବଛର୍ ମେ ମାସର୍ ୨ ନମ୍ବର୍ ରଏବାର୍‌ଥି ଇ ଦିନ୍ ପାଲନ୍ କରାଯାଏସି । ୧୯୦୮ ମସିହାଥି ପହେଲାକରି ଆମେରିକାର

ପଶ୍ଚିମ ଭର୍ଜିନିଆର ଗ୍ରାଫ୍ଟନ୍ ସହର୍ ନ ଥିବା ସେଂଟ୍ ଆଣ୍ଡ୍ରିୟୁସ୍ ମେଥୋଡିସ୍ ଚର୍ଚ୍ଚ ନ ମାତୃଦିବସ୍ ପାଲନ୍ କରାଯାଇଥିଲା ।

ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ଆର୍ଏନ୍ୟୁ/ ସମ୍ବଲପୁର

ବିହାର୍ ଠାନେ ଚାଲିଥିବା ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା-୨୦୨୫ ଥି ଗଲାକାଏଲ୍ ଓଡ଼ିଶାକେ ଆଉ ୨ ଟା ସ୍ୱର୍ଣ୍ଣପଦକ୍ ମିଲିଛେ । ଭାର ଉତୋଲନ୍‌ଥି ଜ୍ୟୋତ୍ସ୍ନା ଶବର ଆଉ ହର୍ଷବର୍ଦ୍ଧନ୍ ସାହୁ ଇ ପଦକ୍ ଜିତିଛନ୍ । ସେନ୍ତା ଫୁଟ୍‌ବଲ୍ ଆଉ ହକି ଖେଲ୍‌ଥି ଓଡ଼ିଶା ପୁରୁଷ ଦଲ୍ ସେମିଫାଇନାଲ୍‌କେ ଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଇ ମାସର୍ ୨୭ ତାରିଖ୍‌ତକ୍ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବା ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ । ସେଆଡ଼େ ରାଏଜେ ତାପମାତ୍ରା ବଢ଼୍‌ବାର୍‌କେ ଲାଗିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଗଲାକାଏଲ୍ ୧୬ ଟା ଜିଲ୍ଲାର୍ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରହିଥିଲା । ସମ୍ବଲ୍‌ପୁର୍ ନ ଦିନର୍ ସବୁନୁ ଜହ ତାତି ୪୨ ଦଶ୍‌ମିକ୍ ୭ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିଲା ।

ଆଏବା ୫ ଦିନ୍‌ତକ୍ ରାଏଜେ ଏନ୍ତା ପାଗ୍ ଲାଗି ରହେବା ଆଉ ଆଏଜ୍ ୧୬ ଟା ଜିଲ୍ଲା ନ ଜବର୍ ଖରା ହେବା ବଲି ବିଭାଗ୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।